# Akashvani, Sambalpur

## SAMBALPURI NEWS EVENING BULLETIN

**29 April 2024- 7.02 pm- 7.12 pm.**

*******************************************

୧- ସମ୍ବଲ୍‌ପୁର୍, କେନ୍ଦୁଝର, ଢେଙ୍କାନାଲ୍, କଟକ୍, ପୁରୀ ଆର୍ ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଆସନ୍ ସହେତେ ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଆଏଜ୍ ବାହାର୍‌ଲା ବିଜ୍ଞପ୍ତି ।

୨- କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ଅଭିଯୋଗ୍ ମାମ୍‌ଲାର୍ ରାୟକେ ସଂରକ୍ଷିତ ରଖ୍‌ଲେ ଓଡ଼ିଶା ହାଇକୋର୍ଟ ।

୩- ମୁନ୍‌ଷର୍ ଆଭ୍ୟନ୍ତରିଣ କଳାର ସୃଜନଶୀଳ ରୂପ୍‌କେ ତହଁକାବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ।

ଆଉର୍

୪- ରାଜ୍ୟର କେତେଟା ଜିଲ୍ଲା ନ ଆଏବା ୪ନୁ ୫ ଦିନ୍ ତକ୍ ସ୍ୱାଭାବିକ୍ ଠାନୁ ୩ ନୁ ୪ଡିଗ୍ରୀ ସେଲ୍‌ସିୟସ୍ ଅଏତ୍‌କା ରହେବା ତାତି ।

୩ ନମ୍ବର୍ ଖେପ୍ ନିର୍ବାଚନ୍- ବିଜ୍ଞପ୍ତି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ସମ୍ବଲ୍‌ପୁର୍, କେନ୍ଦୁଝର୍, ଢେଙ୍କାନାଲ୍, କଟକ୍, ପୁରୀ ଆର୍ ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଆସନ୍ ଆର୍ ଇତାର୍ ଅଧିନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ମେ ମାସର୍ ୨୫ ତାରିଖ୍ ଭୋଟ୍ ନିଆଯିବା । ଆଏଜ୍‌ଠାନୁ ଇସବୁ ଆସନ୍ ଲାଗି ନାମାଙ୍କନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଆଏବା ମାସ ୬ ତାରିଖ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ତାରିଖ୍ ହେଇଥିବାର୍ ବେଲେ ୭ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଯାଂଚ୍ ଆର୍ ୯ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ଇ ଖେପେ ରାଜ୍ୟର୍ ୯୪ ଲାଖ୍ ୪୧ ହଜାର୍ ୭ ଶହ ୯୭ ଝନ୍ ମତଦାତା ସେମାନ୍‌କର୍ ମତାଧିକାର୍ ସାବ୍ୟସ୍ତ୍ କର୍‌ବେ । ଇମାନ୍‌କର୍ ଭିତ୍‌ରେ ୪୮ ଲାଖ୍ ୨୬ହଜାର ୩୭୫ ଝନ୍ ପୁରୁଷ ଭୋଟର୍, ୪୬ ଲାଖ୍ ୧୪ ହଜାର  ଶହେ ୩୪ ଝନ୍ ମହିଳା ଭୋଟର୍ ଆଉ ୧୨ଶହ ୮୮ଝନ୍ ତୃତୀୟ ଲିଙ୍ଗୀ ଭୋଟର୍ ଥିବାର୍ ଜନାପଡିଛେ । ସେନ୍ତା ୨ ଲାଖ୍ ୩୫ ହଜାର୍ ୭ ଶହ ୬୪ ଝନ୍ ୟୁଆନ୍ ମତଦାତା ପହେଲାଥରର୍ ଲାଗି ଭୋଟ୍ ଦେବେ । ଇ ଖେପର୍ ମତଦାନ୍ ଲାଗି ମୋଟ୍ ୧୦ ହଜାର୍ ୫ ଶହ ୧୫ ଟା ମତଦାନ୍ କେନ୍ଦ୍ରର ବ୍ୟବସ୍ଥା କରାଯାଇଛେ ।

ସମ୍ବାଦ୍‌ଦାତା ସୂଚ୍‌ନା ଦେଇଛନ୍ ।

ପ୍ରାର୍ଥୀପତ୍ର ଦାଖଲ୍       ବୌଦ୍ଧ/ ବର୍‌ଗଡ଼୍ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ଆର୍ ବୌଦ୍ଧ ନିର୍ବାଚନ୍ ମଣ୍ଡଲୀ ଲାଗି ବିଜେଡ଼ି ପ୍ରାର୍ଥୀ ଜିଲ୍ଲାପାଳ୍ କାର୍ଯ୍ୟାଳୟ ନ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ । ବୌଦ୍ଧ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ପ୍ରଦୀପ୍ ଅମାତ୍ ଆର୍ କଂଟାମାଲ୍ ବିଧାନ୍‌ସଭା ଆସନ୍ ଲାଗି ମହୀଧର୍ ରଣା ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ ।

ରାଏଜେ କନିଷ୍ଠ ଶିକ୍ଷକ୍ ମାମ୍‌ଲା     ଆର୍‌ଏନ୍‌ୟୁ/ କଟକ୍

ରାଏଜେ କନିଷ୍ଠ ଶିକ୍ଷକ୍ ନିଯୁକ୍ତି ବାବ୍‌ଦେ ଅନିୟମିତତା ଅଭିଯୋଗ୍ ମାମ୍‌ଲାର୍ ଶୁଣାଣି ଆଏଜ୍ ଓଡ଼ିଶା ହାଇକୋର୍ଟ ନ ଦଣ୍ଡହେଇଥିଲା । ନିଯୁକ୍ତି ବିଜ୍ଞପ୍ତିର୍ ନିୟମ୍ ଆର୍ ସର୍ତାବଲୀ ଆଧାର୍‌ଥି ମେଧା ତାଲିକା ବାହାର୍ ନାଇଁ କରାଯାଇଥିବାର୍‌ନୁ ଇଟାକେ ଚେଲେଞ୍ଜ୍ କରିକରି କେତେଝନ୍ ପରୀକ୍ଷାର୍ଥୀ ହାଇକୋର୍ଟ ଯାଇଥିଲେ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ବାହାର୍ କରାଯାଇଥିବା ମେଧା ତାଲିକାକେ ଓଡ଼ିଶା ହାଇକୋର୍ଟ ଗଲା ମାର୍ଚ୍ଚ ମାସ ୧୨ ତାରିଖ୍ ଦିନ ରଦ୍ଦ କରିଥିଲେ । ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍

ସିଂ ଆର୍ ବିଚାର୍‌ପତି ଜଷ୍ଟିସ୍ ଏମ୍.ଏସ୍. ରମଣ୍ଙ୍କର୍ ଖଣ୍ଡପୀଠ ଗଲା ୨୫ ତାରିଖ୍ ଦିନ ମାମ୍‌ଲାର୍ ଶୁଣାଣି କରିଥିଲେ । ଆଏଜ୍ ରାୟ ପ୍ରକାଶ୍ ଲାଗି ସମିଆ ଧାରିଜ୍ ହେଇଥିବାର୍ ବେଲେ ଖଣ୍ଡପୀଠ ଇ ମାମ୍‌ଲାର୍ ରାୟକେ ସଂରକ୍ଷିତ ରଖିଛନ୍ ।

ଜେ.ପି.ନଡ୍ଡା ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଆଏଜ୍ ଦୁଇପହରେ ଓଡ଼ିଶା ଗସ୍ତ ସାରିକରି ଫିରିଯାଇଛନ୍ । ତାଙ୍କର୍ ୨ ଦିନିଆ ଓଡ଼ିଶା ଗସ୍ତ ସମିଆଥି ଗଲାକାଏଲ୍ ବ୍ରହ୍ମପୁର୍ ଲୋକସଭା କ୍ଷେତ୍ରର ଆମ୍ବପୁଆ ଠାନେ ବିଜୟ ସଂକଳ୍ପ ସମାବେଶ୍‌ଥି ସେ ଯୋଗ୍ ଦେଇଥିଲେ । ରାଜ୍ୟ ଆଉ କେନ୍ଦ୍ର ନ ବିଜେପି ସର୍‌କାର୍ ଗଠନ୍ ହେଲେ ଓଡ଼ିଶାର୍ ସର୍ବାଙ୍ଗୀନ ବିକାଶ୍ ହେଇପାର୍‌ବା ବଲି ଶ୍ରୀ ନଡ୍ଡା କହିଥିଲେ । ବ୍ରହ୍ମପୁର୍‌ନୁ ଫିରିକରି ଶ୍ରୀ ନଡ୍ଡା ଭୁବ୍‌ନେଶ୍ୱର୍ ନ ଦଲୀୟ କର୍ମକର୍ତାମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ମୁଖ୍ୟମନ୍ତ୍ରୀ- ନାମାଙ୍କନ୍ ପତ୍ର ଆର୍‌ଏନ୍‌ୟୁ/ କଟକ୍

ବିଜୁ ଜନତା ଦଲର୍ ବରିଷ୍ଠ ନେତା ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏବା କାଏଲ୍ ଗଞ୍ଜାମ୍ ଜିଲ୍ଲାର୍ ହିଞ୍ଜିଳି ବିଧାନ୍‌ସଭା ଆସନ୍ ଲାଗି ନିଜର୍ ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବେ । ବିଜୁ ଜନତା ଦଲ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ଶ୍ରୀ ପଟ୍ଟନାୟକ୍ ତାରାତାରିଣୀ ପୀଠକେ ଯାଇକରି ମାଙ୍କର୍ ଦର୍ଶନ୍ କଲା ଉତ୍‌ରୁ ଛତ୍ରପୁର୍ ଉପ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ନ ପୁହୁଁଚିକରି ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବେ ।

ଷ୍ଟାର୍ଟଅପ୍ ଅଭିବୃଦ୍ଧି ଆର୍‌ଏନ୍‌ୟୁ/ କଟକ୍

ଘରୋଇ ବଜାର୍‌ଥି ଷ୍ଟାର୍ଟଅପ୍ ସଂଖ୍ୟା ଜବର୍ ବଢ଼ିଛେ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଦେଶେ ୨୦୧୪ ମସିହାଥି ପାଖାପାଖି ୩ ଶହ ୫୦ ଟା ଷ୍ଟାର୍ଟଅପ୍ ୟୁନିଟ୍ ଥିଲା ବେଲେ ଏଛେନ୍ ଇତାର୍ ସଂଖ୍ୟା ୩ ଶହ ଗୁନା ବଢ଼ିଛେ ବଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ । ସାରା ପୁର୍‌ଥି ନ ଭାରତ୍ ଷ୍ଟାର୍ଟଅପ୍‌ଥି ୩ ନମ୍ବର୍ ଠାନ୍ ନେଇକରି ଘରୋଇ ବଜାର୍‌ରେ ବଡ଼୍ ଇକୋ ସିଷ୍ଟମ୍ ହେଇପାରିଛେ । ସେନ୍ତା ମହାକାଶ୍ କ୍ଷେତ୍ରଥି ଘରୋଇ ବଜାର୍ ଖୁଲ୍‌ବାର୍ ୪ ବଛର୍ ଭିତ୍‌ରେ ସ୍ପେସ୍ ଷ୍ଟାର୍ଟଅପ ସଂଖ୍ୟା ୩ ଅଙ୍କକେ ବଢ଼ିଛେ । ଭାରତ୍‌ର ଅର୍ଥନୀତି ୧୧ ନମ୍ବର୍ ନୁ ୫ ନମ୍ବର୍ ଠାନ୍‌କେ ପୁହୁଁଚିପାରିଛେ । ୨୦୪୭ ମସିହାତକ୍ ଦେଶ୍ ୧

ନମ୍ବର୍ ଅର୍ଥନୀତି ହେଇପାର୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ କହିଛନ୍ ।

ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ଆର୍‌ଏନ୍‌ୟୁ / କଟକ୍

କଲାର ସୃଜନଶୀଲ ରୂପ ହେଉଛେ ନୃତ୍ୟ । ଯେନ୍‌ଟା ମୁନ୍‌ଷର୍ ଆଭ୍ୟନ୍ତରୀଣ ଶକ୍ତିକେ ତହଁକ୍ ବଢ଼ାବାର୍‌ଥି ସାହାଜ୍ ହେସି । ଇ ବାର୍ତାକେ ନେଇକରି ଆଏଜ୍ ସାରା ପୁର୍‌ଥି ନ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ପାଲନ୍ କରାଯାଉଛେ । ଫି’ ବଛର୍ ଏପ୍ରିଲ୍ ମାସର୍ ୨୯ ତାରିଖ୍‌କେ  ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍ ଜର୍ଜେସ୍ ନୋଭେର୍‌ଙ୍କୁ ସୁର୍‌ତା କରିକରି ଇ ଦିବସ୍ ପାଲନ୍ କରାଯାଉଛେ । ୧୯୮୨ ମସିହା ଇଂଟର୍ ନେସ୍‌ନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ତର୍‌ଫୁ ଆନ୍ତର୍ଜାତୀୟ ନୃତ୍ୟ ଦିବସ୍ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଫି ବଛର୍ ଅନ୍ତର୍ଜାତୀୟ ନୃତ୍ୟ କମିଟି ତର୍‌ଫୁ ଝନେ ନୃତ୍ୟ ଗୁରୁ ନାହେତ ନୃତ୍ୟ ଶିଳ୍ପୀଙ୍କୁ ବଛାଯାଏସି ଆର୍ ସେମାନ୍‌କର୍ ପ୍ରେରଣାତ୍ମକ ବାର୍ତାକେ ଭିନ୍ ଭିନ୍ ଭାଷାଥି ଅନୁବାଦ୍ କରାଯାଇକରି ବିଶ୍ୱସ୍ତର୍‌ଥି ପ୍ରସାର୍ କରାଯାଏସି ।

ଓଡ଼ିଶାର୍ ଭିନ୍ ଭିନ୍ ଲୋକକଳା ଯେନ୍ତାକି - ଯାତ୍ରା, ଅଭିନୟ, ପାଲା, ଦାସକାଠିଆ, ଗୀତିନାଟ୍ୟ, ପୁତ୍‌ଲିନାଚ୍, ଚଇତିଘୁଡ଼ା ନାଚ୍, ସୁଆଙ୍ଗ, କେନ୍ଦରାଗୀତ, ଖଞ୍ଜଣୀ ଆର୍

ଭଜନ୍ ପିଢ଼ି ପିଢ଼ି ଧରିକରି ଓଡ଼ିଶା ସାହିତ୍ୟର ସୃଷ୍ଟି, ଥିତି ଆର୍ ବିକାଶ୍‌ର ଗୁଟେ ବରକସ୍ ମାଧମ୍ ହେଇଆସୁଛେ । ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍‌ଫୁ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ହେବାର୍ ସମ୍ବାଦ୍ ମିଳିଛେ ।

ଆଂଟି ରେଗିଂ କମିଟି-ଜିଲ୍ଲାସ୍ତର ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ହେଉଥିବା ରେଗିଂକେ ରୁକ୍‌ବାର୍ ଦିଗେ ଫି ଜିଲ୍ଲା ନ ଆଂଟି ରେଗିଂ କମିଟି ଗଠନ୍ କରାଯିବା । ଇ ବାବ୍‌ଦେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସି ତର୍‌ଫୁ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ଆର୍ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଲେଖିକରି ଜନେଇ ଦିଆଯାଇଛେ । ଜିଲ୍ଲାପାଲ୍, ଡେପୁଟି କମିଶନର୍, ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଆଂଟି ରେଗିଂ କମିଟିର୍ ମୁଖ୍ୟ ରହେବାର୍ ଲାଗି ଚିଠିଥି କୁହାଯାଇଛେ । ସେନ୍ତା ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଆର୍ ଉଚ୍ଚଶିକ୍ଷାନୁଷ୍ଠାନ୍‌ର ମୁଖ୍ୟ ଆର୍ ଜିଲ୍ଲାର୍ ଏସ୍.ପି., ଏସ୍.ଏସ୍.ପି. କମିଟିର୍ ସଦସ୍ୟ ରହେବେ । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ କମିଟିର୍ ସଦସ୍ୟ ସଚିବ ରହେବେ । ଜିଲ୍ଲାସ୍ତରୀୟ ଏଂଟିରେଗିଂ କମିଟି ଖରାଛୁଟି ଭିତ୍‌ରେ ପ୍ରସ୍ତୁତି ବୈଠକ୍ କର୍‌ବା ବଲି ଚିଠିଥି କୁହାଯାଇଛେ ।

ନିର୍ବାଚନ ସ୍ଥିତି- ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ/ କଟକ୍

ଆଏବା ସାଧାରଣ୍ ନିର୍ବାଚନ୍‌କେ ଶାନ୍ତିଶୃଙ୍ଖଲାର୍ ସହେତେ କର୍‌ବାର୍ ଲାଗି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାର୍‌ଲା ଉତ୍‌ରୁ ଝାର୍‌ସୁଗୁଡ଼ା ଜିଲ୍ଲାର୍ ୨ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀପତ୍ର ଦାଖଲ୍ ପ୍ରକ୍ରିୟା ଚାଲିଛେ । ଇ ପ୍ରକ୍ରିୟାଥି ରାଜ୍ୟର୍ ୩ ଟା ମୁଖିଆ ଦଲ୍ ବିଜେପି, ବିଜେଡ଼ି ଆର୍ କଂଗ୍ରେସ୍ ତର୍‌ଫୁ ଜୋର୍‌ଦାର୍ ରାଜନୈତିକ୍ ପ୍ରସ୍ତୁତି ମୁଲ୍ ହେଇଛେ । ଭିନ୍ ଭିନ୍ ଜାଗା ନ ପ୍ରଚାର୍ କାମ୍ ସହେତେ ରୋଡ଼୍‌ସୋ ଜରିଏ ଦଲର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ କହିକରି ଭୋଟର୍‌ମାନ୍‌କୁ ସେମାନ୍‌କର୍ ଦଲ୍‌କେ ଭୋଟ୍ ଦେବାର୍ ଲାଗି ପ୍ରାର୍ଥୀମାନେ ନିବେଦନ୍ କରୁଛନ୍ । ଜବର୍ ଖରା ସାଙ୍ଗେ ରାଜନୈତିକ୍ ସର୍‌ଗରମ୍ ଭିଲ୍ ବଢୁଛେ । ଝାର୍‌ସୁଗୁଡ଼ା ଜିଲ୍ଲା ନିର୍ବାଚନ୍ ବାବ୍‌ଦେ ଆମର୍ ସମ୍ବାଦଦାତା ବସନ୍ତ କୁମାର୍ ଜେନାଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍- ବସନ୍ତ କୁମାର୍ ଜେନା)

ନିର୍ବାଚନ୍ ଖର୍ଚ୍ଚ ପର୍ଯ୍ୟବେକ୍ଷକ-ଦେବ୍‌ଗଡ଼୍  ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଆଏଜ୍ ନିର୍ବାଚନ୍ ଖର୍ଚ୍ଚ ପରିଚାଳନା ଅଧିକାରୀମାନ୍‌କୁ ନେଇକରି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ନ ନିର୍ବାଚନ୍‌କେ କେନ୍ତାକରି ଶାନ୍ତିଶୃଙ୍ଖଲାଥି କରାଯିବା ସେ ବାବ୍‌ଦେ

ନିର୍ବାଚନ ପର୍ଯ୍ୟବେକ୍ଷକ ଗଙ୍ଗା ଶିଭାୟା ଜୋର୍ ଦେଇଥିଲେ । ଭୋଟ୍ ସମିଆଥି ଖାସ୍ କରି ସାଧାରଣ ଲୁକେ ଯେନ୍ତା ଅସୁବିଧାଥି ନାଇଁ ପଡ଼୍‌ବେ ଆର୍ ନିର୍ବାଚନ୍‌ଥି ଭାଗ୍ ନଉଥିବା ପ୍ରାର୍ଥୀମାନ୍‌କର୍ ଖର୍ଚ୍ଚା ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ଦେବ୍‌ଗଡ଼୍- ବିଜ୍‌ଲି କାଟ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ପଶ୍ଚିମ ଓଡ଼ିଶା ବିଜ୍‌ଲି ବିତରଣ୍ କମ୍ପାନୀ- ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ରକ୍ଷଣାବେକ୍ଷଣ୍ କାମ୍ ଲାଗି ୨ ଦିନ୍ ବିଜ୍‌ଲି ଯୋଗାଣ ସାମୟିକ ଭାବେ ବନ୍ଦ୍ ରହେବା । ଆଏବାକାଏଲ୍ ମଙ୍ଗଲ୍‌ବାର୍ ଆର୍ ମେ ୧ ତାରିଖ୍ ବୁଧବାର୍ ସଖାଲର୍ ୬ ନୁ ୧୧ ବଜେତକ୍ ଜିଲ୍ଲାର୍ ରେଙ୍ଗାଲ୍‌ବେଡ଼ା, ଡଙ୍ଗାଘାଟ୍, ତାବଡ଼ା, ଖିଲେଇ, ମିର୍ଗିଡିଆ ଆର୍ ଗୋହିରା ଇଲାକା ନ ବିଦ୍ୟୁତ୍ ସେବା ବନ୍ଦ୍ ରହେବା ।

ଦୁର୍ଘଟଣା- ସମ୍ବଲପୁର ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ସଦର ଥାନା ଇଲାକାର୍ କେନ୍‌ଘାଟି ନ ଗୁଟେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍ ବାଇକ୍ ଆରୋହୀଙ୍କର୍ ଜୀବନ୍ ଯାଇଛେ । ଗୁଟେ ବାଇକ୍‌ଥି ୨ ଝନ୍ ଯାଉଥିବାର୍ ବେଳେ

କଂଟେନର୍ ସାଙ୍ଗେ ମୁହାଁମୁହିଁ ଧକ୍କା ହେବାର୍‌ନୁ ଇ ଦୁର୍ଘଟଣା ଘଟିଛେ ।

ମିନି ମାରାଥନ୍-ସୁନ୍ଦରଗଡ଼ ଆର୍‌ଏନ୍‌ୟୁ/ କଟକ୍

ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ୫ ନମ୍ବର୍ ଖେପେ ଆଏବା ମାସର୍ ୨୦ ତାରିଖ୍ ଦିନ ବିଧାନ୍‌ସଭା ଆଉ ଲୋକ୍‌ସଭା ଲାଗି ମତଦାନ୍ ହେବା । ଇତାର୍ ଆଘୋନୁ ଭୋଟର୍‌ମାନ୍‌କର୍ ଭିତ୍‌ରେ ଭୋଟ୍ ଦେବାର୍ ଲାଗି ତହିଁକ୍ ବଢ଼ାବାର୍‌କେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ମିନିମାରାଥନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର ପଶ୍ଚିମ-ପଶ୍ଚିମ ଶୁଖା ପବନ ଆର୍ ଜବର୍ ଖରା ଲାଗି ଆଏବା ୪ନୁ ୫ ଦିନ୍ ତକ୍ ରାଜ୍ୟର କେତେଟା ଜିଲ୍ଲା ନ ତାତି ସ୍ୱାଭାବିକ୍ ଠାନୁ ୩ ନୁ ୪ଡିଗ୍ରୀ ସେଲ୍‌ସିୟସ୍ ଅଏତ୍‌କା ରହେବା । ଇବାବ୍‌ଦେ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ତର୍‌ଫୁ ସୂଚନା ମିଳିଛେ । ଜହ ଖରାକେ ନଜରଥି ରଖି କରି ଆଏବା କାଏଲ୍ ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ ସହେତେ ୯ଟା ଜିଲ୍ଲାକେ ରେଡ୍ ଆଲର୍ଟ ଜାରି କରାଯାଇଛେ ।

ଜବର ଖରାକେ ନଜରଥି ରଖି କରି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ତରଫୁଁ ସବୁ ଜିଲ୍ଲାପାଲ୍‌ଙ୍କୁ ସତର୍କ ରହେବାର୍‌କେ ଚିଠି ଲେଖାଯାଇଛେ ।

ସେଆଡେ ଆଏଜ୍ ବାରିପଦା ନ ରାଜ୍ୟର୍ ସବୁନୁ ଜହ ତାତି ୪୪ଦଶମିକ ୮ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛେ । ସେନ୍ତା ୩୨ଟା ସହର ନ ୪୦ ଡିଗ୍ରୀ ସେଲସିୟସ୍‌ନୁ ଅଏତ୍‌କା ଆର୍ ୫ଟା ସହର ନ ଦିନର୍ ଜହ ତାତି ୪୪ ଡିଗ୍ରୀନୁ ଅଏତ୍‌କା ରେକର୍ଡ ହେଇଛେ ।